## ସଂକ୍ଷେପରେ

### ମନୋଜ ଓଷ୍ଟା ସହ ସମ୍ପାଦକ ନିର୍ବାଚିତ



ମୁନିଗୁଡ଼ା,୩।୬ (ଡି.ଏନ.ଏ.)- କେନ୍ଦୁଝର ଜିଲା ସଦର ମହକୁମାରେ ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ୩୩ତମ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହୋଇଥିବା ନିର୍ବାଚନରେ ରାଜ୍ୟର ବିଭିନ୍ନ ଜିଲା ଓ ବ୍ଲକରୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଚଳିତ ବର୍ଷ ନିର୍ବାଚନରେ ରାୟଗଡ଼ା ଜିଲା ମୁନିଗୁଡ଼ାର ସୁନାମଧନ୍ୟ ଶିକ୍ଷକ ତଥା କ୍ରୀଡ଼ା ସଂଗଠକ ମନୋଜ କୁମାର ପାଢ଼ୀ ସହ ସମ୍ପାଦକ ପଦ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଛନ୍ତି। ରାଜ୍ୟର ସର୍ବ ପୁରାତନ ଶିକ୍ଷକ ସଂଘର ଏହି ଆସନ ପାଢୀଙ୍କୁ ପ୍ରାପ୍ତ ହୋଇଥିବାରୁ ଜିଲାର ବିଭିନ୍ନ ସ୍ଥାନରୁ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। ଓଡ଼ିଶା ମାଧମିକ ଶିକ୍ଷକ ସଂଘ ଓ ସମସ୍ତ ସଦସ୍ୟଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ସହିତ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ପାଢ଼ୀ କହିଛନ୍ତି। ଏଥିସହ ଯେଉଁ ବନ୍ଧୁମାନଙ୍କ ସହଯୋଗରେ ସେ ଏହି କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି ସେମାନଙ୍କୁ ତଥା ଓଷ୍ଟାର ସମସ୍ତ ସଦସ୍ୟ,ପଦାଧିକାରୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଲାଗି କ୍ୟାଣ୍ଡେଲ ଶୋଭାଯାତ୍ରା



ରାମନାଗୁଡ଼ା,୩।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗାରେ ହୋଇଥିବା ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ନିମନ୍ତେ ରାୟଗଡା ଜିଲା ରାମନାଗୁଡା ଯୁବ ବିଜୁ ଜନତା ଦଳ ଓ ବିଜୁ ଜନତା ଦଳ ତରଫରୁ ରାମନାଗୁଡା ହନୁମାନ ମନ୍ଦିରରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସାଇ ମନ୍ଦିର ପାଖରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ସମ୍ପାଦକ ଗଗନ ଆଚାର୍ଯ୍ୟ, ପାରିକ୍ଷିତି ସରପଞ୍ଚ ସୂର୍ଯ୍ୟ ରାଓ କୁମ୍ଭିକା, ବ୍ଲକ ଯୁବ ସଭାପତି ସଞ୍ଜୟ କୁମାର ପ୍ରଧାନ, ଜଗଦୀଶ ଚନ୍ଦ୍ର ନାୟକ ବେହେରା, ମକର ଧ୍ୱଜ ଧୋବା, ଗୁରୁ ମୂର୍ତ୍ତି ରାଜୁ, ରଞ୍ଜନ ନାୟକ ବେହେରା, ଶିବ ପ୍ରସାଦ ସାହୁ, ବି. ମଣିକାଣ୍ଠା, ରାଧାକାନ୍ତ ସ୍ୱାଇଁ, ହେମନ୍ତ ପାଲାକା, ମୁକୁନ୍ଦ ପାଣି, ରବି ସାହୁକାର, ପ୍ରସାଦ ପାଲାକା, ସୂର୍ଯ୍ୟ କାନ୍ତ ରନ୍ତାଲୁଙ୍କ ସହ ଅନେକ ଯୁବ କର୍ମୀ ଓ ରାମନାଗୁଡା ଜନସାଧାରଣ ଯୋଗ ଦେଇଥିଲେ।

### ଜୟପୁରରେ ଅର୍ଦ୍ଧନମିତ ହେଲା ଜାତୀୟ ପତାକା

ବାହାନଗା ଟ୍ରେନ୍ ଦୁର୍ଘଟଣା



ଜୟପୁର, ୩।୬(ନି.ପ୍ର.)-ବାଲେଶ୍ୱର ଜିଲାର ବାହାନଗାଠାରେ ଶୁକ୍ରବାର ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ମୃତାହତଙ୍କ ସମ୍ମାନାର୍ଥେ ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରେ ଥିବା ବିରାଟ ଜାତୀୟ ପତାକାକୁ ଶନିବାର ଅର୍ଦ୍ଧନମିତ କରାଯାଇଛି। ଏହି ଟ୍ରେନ ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ହୋଇଛି। ୮ ଶହରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହାକୁ ଗୁରୁତର ସହ ନେଇ ଜୟପୁରସ୍ଥିତ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି। ଏଥିଯୋଗୁ କୌଣସି ସରକାରୀ ଉତ୍ସବ ପାଳନ ନ କରିବାକୁ ନିର୍ଦ୍ଦେଶ ଆସିଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି।

# ନିର୍ଦ୍ଦେଶିକାଙ୍କୁ ସମସ୍ୟା ଜଣାଇଲେ ଭିନ୍ନକ୍ଷମ

ରାୟଗଡା ଅଫିସ,୩।୬

ରାଜ୍ୟସ୍ତରୀୟ ସମନ୍ୱୟ ଏବଂ ତ୍ରୟୋମାସିକ ୨ ଦିନିଆ ସମୀକ୍ଷା ବୈଠକ ରାୟଗଡା ଜିଲା ଡିଆରଡ଼ିଏ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଭିନ୍ନ କ୍ଷମ ମଞ୍ଚ ଏବଂ ଓଡିଶା ଭିନ୍ନ କ୍ଷମ ମଞ୍ଚ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଛି। ଏଥିରେ ସରକାରଙ୍କ ଦ୍ୱାରା କରାଯାଇ ଥିବା ଯୋଜନା ମାଧ୍ୟମରେ ଭିନ୍ନକ୍ଷମମାନେ ଅବଗତ ହୋଇପାରୁ ନାହାନ୍ତି। ସେ ବିଷୟରେ ଭିନ୍ନକ୍ଷମଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ଭିନ୍ନ କ୍ଷମମାନଙ୍କ ପାଇଁ ମଧ୍ୟ ଅନେକ ଯୋଜନା ରହିଛି। ଯେଉଁମାନେ ଗ୍ରାମାଞ୍ଚଳରେ ରହି ଯାଉଛନ୍ତି ସେମାନଙ୍କୁ ଗାଁରେ ଯାଇ ବୁଝାଇବାକୁ ଅତିଥିମାନେ କହିଥିଲେ। ଉକ୍ତ ବୈଠକରେ ରାଜ୍ୟ ସାମାଜିକ ସୁରକ୍ଷା ଓ




ଭିନ୍ନକ୍ଷମ କମିଶନରଙ୍କ ସହ ବୈଠକରେ ଆଲୋଚନା କରୁଛନ୍ତି ।

ଭିନ୍ନକ୍ଷମ ସଶକ୍ତୀକରଣ ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାରେ ବିଭାଗୀୟ କାର୍ଯ୍ୟଗୁଡିକୁ ସମୀକ୍ଷା କରିଥିଲେ। ଭିନ୍ନକ୍ଷମଙ୍କ ସମସ୍ୟା ଶୁଣି ଏହାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏହା ଆଦିବାସୀ ବହୁଳ ଅଞ୍ଚଳରେ ଅନେକ ଥର ଭିନ୍ନକ୍ଷମମାନଙ୍କୁ ଦୁର୍ବ୍ୟବହାର କରାଯାଇଛି। ବିଭିନ୍ନ ସମୟରେ ସେମାନେ ବ୍ଲକରୁ ଭତ୍ତା ପାଇବାରୁ ବଞ୍ଚିତ ହୋଇଥାନ୍ତି, ଏସବୁ ଭିନ୍ନକ୍ଷମମାନେ ଜଣାଇଛନ୍ତି।

ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଓଡିଶା ବିକଳାଙ୍ଗ ମଞ୍ଚ ସଭାପତି ନିରଞ୍ଜନ ବେହେରା କହିଛନ୍ତି, ସରକାର ଅନେକ ଯୋଜନା କରିଛନ୍ତି । ସମସ୍ତ ଭିନ୍ନକ୍ଷମ ଭଉଣୀ ଭାଇ ଏକ ହେଲେ

### ସ୍ୱାବଲମ୍ବୀ ହେବା ଉପରେ ଆଲୋଚନା

ସଫଳତା ଭିନ୍ନକ୍ଷମମାନେ ପାଇବେ। ସରକାର ଯୋଜନା କରିଛନ୍ତି, ମୁଖ୍ୟତଃ ହର୍ଟିକଲଚର ବିଭାଗରେ ଅନେକ ଯୋଜନା ରହିଛି। ଆମକୁ ବାଟ ଜାଣିବାକୁ ପଡିବ ଏବଂ ଅଧିକ ଜ୍ଞାନ ଆରୋହଣ କରିବାକୁ ପଡିବ ବୋଲି କହିଛନ୍ତି। ଭିନ୍ନ କ୍ଷମମାନେ କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ ଯୋଗ ଦେଇଥିଲେ ରାୟଗଡା ଭିନ୍ନକ୍ଷମ ମଞ୍ଚ ସଭାପତି ରାକେଶ କୁମାର ହିମିରିକା ସମ୍ପାଦକ ଜଳନ୍ଧର ବାଛେଲି ଜିଲାର ଭିନ୍ନକ୍ଷମମାନେ ଉପସ୍ଥିତ ଥିଲେ ।

# ଅସହ୍ୟ ଗରମକୁ ଅଘୋଷିତ ବିଦ୍ୟୁତ୍ କାଟ,ଲୋକେ ଛଟପଟ

ରାୟଗଡ଼ା,୩।୬(ସ୍ୱ.ପ୍ର.)

ଅତ୍ୟଧିକ ଗରମ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କ ପାଇଁ ଅସହ୍ୟ ହୋଇଛି। ଚଳିତ ବର୍ଷ ଅତ୍ୟଧିକ ଗରମ ହେଉଛି। ରାୟଗଡ଼ାର ତାପମାତ୍ରା ୪୦ଡିଗ୍ରୀରୁ ଅଧିକ ରହୁଛି। ଫଳରେ ପ୍ରବଳ ଗରମରେ ସିଝୁଛନ୍ତି ଲୋକେ । ଜିଲାର ସମସ୍ତ ଅଞ୍ଚଳରେ ଏହି ଅବସ୍ଥା। ତେବେ ଗରମ ଦିନକୁ ଦିନ ଅତ୍ୟଧିକ ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଦିନରାତି ବିଭିନ୍ନ ସମୟରେ ବିଦ୍ୟୁତ୍ କାଟ ହେବା ସହିତ ଘଣ୍ଟା ଘଣ୍ଟା ସେବା ବନ୍ଦ ରହୁଛି। ଫଳରେ ଘରେ ବୃଦ୍ଧାବୃଦ୍ଧ, ଶିଶୁ ଓ ରୋଗୀଙ୍କ ପାଇଁ ଗରମରେ ରହିବା କଷ୍ଟକର ହୋଇପଡୁଛି। ତେବେ ଏହାର ମୁଖ୍ୟ କାରଣ ହେଉଛି ବିଦ୍ୟୁତ୍ ଅଭାବ ବୋଲି ଜଣାପଡ଼ିଛି। କାରଣ ରାୟଗଡ଼ାକୁ ବାଲିମେଲା-ତାଳଚେର-ହୀରାକୁଦ(ବିଟିଏଚ୍)ରୁ ବିଦ୍ୟୁତ୍ ଯୋଗାଣ ହେବାକୁ ଥିବା ବେଳେ ସେଠାରୁ ନ ଆସି ମାଛକୁଣ୍ଡଠାରୁ ବିଦ୍ୟୁତ୍ ଯୋଗାଣ ହେଉଛି । ଫଳରେ ବିଦ୍ୟୁତ୍ ଯୋଗାଣରେ ଲୋଭୋଲ୍‌ଟେଜ୍ ସମସ୍ୟା ରହୁଛି । ଗରମ ଯୋଗୁ ସଂଖ୍ୟାଧିକ ଏସି ଓ ଫ୍ୟାନ୍ ଲାଗୁଛି। ଫଳରେ ଯେତିକି ବିଦ୍ୟୁତ୍ ଯୋଗାଣ ଆବଶ୍ୟକ ତା'ଠାରୁ କମ୍ ପରିମାଣର ଯୋଗାଯାଉଛି। ତେବେ ଜିଲାରେ ବିଭିନ୍ନ ସମୟରେ ବିଦ୍ୟୁତ୍ କାଟ ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି । ଏଥିସହ ଜିଲାରେ ପୂର୍ବରୁ ସମସ୍ତ ବିଦ୍ୟୁତ୍ ବ୍ୟବସ୍ଥାକୁ ନ ସଜାଡ଼ି ଖରାଦିନେ ବିଦ୍ୟୁତ୍ ବିଭାଗ ମରାମତି ନାଁରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ହେମନ୍ତ ସାହୁ କହିଛନ୍ତି, ଗରମ ଲାଗି ଅଧିକ ଲୋଡ୍ ପଡୁଥିବାରୁ ବିଭିନ୍ନ ସ୍ଥାନରେ ଜମ୍ପର କଟୁଛି। ମାଛକୁଣ୍ଡରୁ ଯେଉଁ ବିଦ୍ୟୁତ୍ ଯୋଗାଣ ହେଉଛି ସେଥିଲାଗି ଲୋଭେଲ୍‌ଟେଜ୍ ରହୁଛି ।

# ନାରୀନେତ୍ରୀ ସୁମନିଙ୍କ ସହ ଜିଲାପାଳଙ୍କ ଆଲୋଚନା

ଟିକିରି,୩।୬(ଡି.ଏନ୍.ଏ.)

ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ଦାବିରେ ଆସନ୍ତା ୭ ତାରିଖରେ କାଶୀପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଝୋଡ଼ିଆ ନେତ୍ରୀ ସୁମନି ଝୋଡ଼ିଆଙ୍କ ନେତୃତ୍ୱରେ କାଶୀପୁର ବ୍ଲକର ୮୬ ଗାଁର ଝୋଡ଼ିଆ ପରିବାର ଲୋକେ ସଜବାଜ ହୋଇଛନ୍ତି। ଏହା ଜଣାପଡିବା ପରେ ତା'ର ସମାଧାନ କରିବା ପାଇଁ ଶନିବାର ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂ ଓ ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା କାଶୀପୁର ବ୍ଲକ୍ ସିରିଗୁଡ଼ାଠାରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ନାରୀନେତ୍ରୀ ସୁମନିଙ୍କ ସହ କଥାବାର୍ତ୍ତା କରି କହିଥିଲେ, ଦେଢ଼ ବର୍ଷ ତଳେ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଯେଉଁ ଝୋଡ଼ିଆ ପରିବାର ଜମି ପଟ୍ଟାରେ ଝୋଡିଆ ପରଜା ସୂଚିତ ରହିଛି, ସେମାନେ କେବଳ ଆଦିବାସୀ ମାନ୍ୟତା ପାଇବେ।



ଝୋଡ଼ିଆ ସମ୍ପ୍ରଦାୟ ମହିଳାଙ୍କ ସହ ଜିଲାପାଳ ସ୍ୱାଧାଦେବ ସିଂ ଆଲୋଚନା କରୁଛନ୍ତି ।

### ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ଦାବି ପ୍ରସଙ୍ଗ

ଅନ୍ୟମାନଙ୍କୁ ଆଦିବାସୀ ମାନ୍ୟତା ଦେବା ଆମ ଅଧିକାର ବାହାରେ। ଏହା ଯଦି କେନ୍ଦ୍ର ସରକାର ଚାହିଁବେ ତା' ହେଲେ ସମ୍ଭବ ହୋଇପାରିବ। ଏହାକୁ ନେଇ ଝୋଡ଼ିଆ ସମାଜ ତରଫରୁ ରାଲି ଓ ୭ ତାରିଖରେ ତହସିଲ ଅଫିସ୍ ସମ୍ମୁଖରେ ଧାରଣା ସହ ଦାବିପତ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟ ଏକ ପ୍ରତିନିଧି ଦଳ ରାୟଗଡ଼ା ଗସ୍ତରେ ଆସୁଥିବା ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ଭେଟି ଦାବିପତ୍ର ଦେବେ ବୋଲି ଝୋଡ଼ିଆ ସମାଜ ପକ୍ଷରୁ ସୂଚନା ମିଳିଛି। ସୁମନି କିନ୍ତୁ ଜିଲାପାଳ ସିଂଙ୍କ ସମ୍ମୁଖରେ ଆମକୁ ଯେତେଦିନ ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ନ ମିଳିଛି ଆମେ ସେତେଦିନ ପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟ ଆଗରେ ସପରିବାର ଧାରଣାରେ ବସିବୁ ବୋଲି କହିଥିଲେ। ଜିଲାପାଳ ସେମାନଙ୍କୁ ବୁଝାଶୁଝା କରି ଫେରିଥିବା ଜଣାପଡ଼ିଛି।

### ଜୋରସୋରରେ ଚାଲିଛି ରଥ ତିଆରି କାମ

ମୁନିଗୁଡ଼ା, ୩।୬(ଡି.ଏନ୍.ଏ.)

ମୁନିଗୁଡ଼ାରେ ରଥଯାତ୍ରା ପରିଚାଳନା କମିଟି, ମହାରଣା ପରିବାର ରଥଯାତ୍ରା ପ୍ରସ୍ତୁତି ନେଇ କାମ କରୁଛନ୍ତି। ରଥ ଖଳାରେ ରଥ କାଠ ସବୁ ଆସି ପହଞ୍ଚିଛି। ଏହାପରେ ମହାରଣାମାନେ ପ୍ରଚଣ୍ଡ ଖରାକୁ ଖାତିର ନକରି ବିଶ୍ୱ ନୀୟନ୍ତାଙ୍କ ନିମନ୍ତେ ଭବ୍ୟ ରଥ ଗଢିବାରେ ବ୍ୟସ୍ତ ଅଛନ୍ତି। ରଥ ନିର୍ମାଣ କାର୍ଯ୍ୟ ବିଶ୍ୱକର୍ମା ପରିବାର ପକ୍ଷରୁ ନୀତି ନିୟମ ଭିତରେ ଚାଲିଛି ବୋଲି ମହାରଣା ସମାଜ ସଭାପତି ଶ୍ରୀଧର ମହାରଣା ଓ ସମ୍ପାଦକ ସୁଧାକର ମହାରଣା କହିଛନ୍ତି। ସେହିପରି ରଥ ଖଳାରେ ମୁନିଗୁଡ଼ାର ବହୁ ପୁରୁଖା ମହାରଣାମାନେ ଉପସ୍ଥିତ ରହି ଯୁବ ମହାରଣାଙ୍କୁ କାରିଗରୀ କଳାର ମାର୍ଗଦର୍ଶନ ଦେଉଛନ୍ତି। ଶ୍ରୀଧର ମହାରଣା, ପ୍ରକାଶ ମହାରଣା,ନାରାୟଣ ମହାରଣା, ମୁକେଶ ମହାରଣା, ପ୍ରହଲ୍ଲାଦ ମହାରଣା, କାଳିଆ ମହାରଣା ଉତ୍ତମ ମହାରଣା ପ୍ରମୁଖ ରଥ ତିଆରି କରୁଥିବା ଦେଖିବାକୁ ମିଳିଛି। ଯଥା ସମୟ ମଧ୍ୟରେ ମୁନିଗୁଡ଼ାର ଭବ୍ୟ ଦିବ୍ୟ ରଥ ମହାବାହୁଙ୍କ ନିମନ୍ତେ ପ୍ରସ୍ତୁତ ହୋଇଯିବ ବୋଲି ରଥଯାତ୍ରା ପରିଚାଳନା କମିଟି ସଭାପତି ଭାଗୀରଥି ନାଗ ଓ ସମ୍ପାଦକ ଭି.ଚନ୍ଦ୍ରଶେଖର ରାଓ ପ୍ରମୁଖ କହିଛନ୍ତି।

# ଅମଲା ସଂଘ ଆନ୍ଦୋଳନରେ ଜିଲା କର୍ମକର୍ତ୍ତାଙ୍କ ଯୋଗଦାନ



ଆନ୍ଦୋଳନରେ ବସିଥିବା ଅମଲା ।

ଗୁଣପୁର,୩।୬(ଡି.ଏନ.ଏ.)

ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଅମଲାଙ୍କ ଆନ୍ଦୋଳନ ଶନିବାର ତୃତୀୟ ଦିନରେ ପହଞ୍ଚିଛି। ଆନ୍ଦୋଳନରେ ଜିଲା କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଆଗାମୀରଣନିତି ନେଇ ଆଲୋଚନା ହୋଇଥିଲା। ଜିଲା ସଭାପତି ଅରୁଣ ପାଢୀ ଏବଂ ସମ୍ପାଦକ ଗୋପୀନାଥ ରାଉତ, ଆବାହକ ଚିତ୍ତରଞ୍ଜନ ମହାପାତ୍ର ଏବଂ ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ନିମାଲା ପ୍ରମୁଖ ଯୋଗଦେଇ ପ୍ରମୁଖ ଶାସନ ସଚୀବଙ୍କ ସହ ଆଲୋଚନା ପରେ ମଧ୍ୟ ସେମାନଙ୍କର ଦାବୀ ନେଇ କୌଣସି ନିର୍ଯ୍ୟାସ ବାହାରି ପାରିନଥିବା କହିଥିଲେ। ଏଣୁ ଆନ୍ଦୋଳନ ଚାଲୁ ରହିବ ବୋଲି ସୂଚନା ଦେଇଥିଲେ। ଅମଲା ସଂଘର ଅଭିଯୋଗ ହେଲା ୨୦୧୭ ଠାରୁ ଜିଲାସ୍ତରୀୟ ଅମଲାମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ଅର୍ଜନ କରିଥିଲେ ମଧ୍ୟ ବେତନରେ କୌଣସି ଅଭିବୃଦ୍ଧି କରିନାହାନ୍ତି। ଏହି ଦାବୀ ସରକାର ସେମାନଙ୍କର କର୍ଣ୍ଣପାତ କରୁ ନ ଥିବାରୁ ଅମଲାମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗୁଣପୁରଠାରେ ହୋଇଥିବା କାର୍ଯ୍ୟକ୍ରମରେ ଉପଖଣ୍ଡର ସମସ୍ତ ବିଭାଗର କାର୍ଯ୍ୟରତ ଅମଲା ତଥା କନିଷ୍ଠ ସହାୟକ, ବରିଷ୍ଠ ସହାୟକ ଏବଂ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଋଣ ଦ୍ୱାରା ଭୂମିହୀନ କୃଷକଙ୍କ ସମ୍ବଳ ବୃଦ୍ଧି

ମୁନିଗୁଡ଼ା,୩।୬(ଡି.ଏନ.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାକକ୍ଷରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଓ କୃଷି ସୂଚନା ପରାମର୍ଶ କେନ୍ଦ୍ର ସୌଜନ୍ୟରେ ବ୍ଲକସ୍ତରୀୟ ବଳରାମ ମାସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁନିଗୁଡ଼ା ବ୍ଲକ କୃଷି ବୈଷୟିକ ଦଳ ଆବାହକ ଘନଶ୍ୟାମ ହାଇବ୍ରୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ବିଡିଓ ପ୍ରୀତମ କୁମାର ତନ୍ତୀ, ମୁଖ୍ୟବକ୍ତା କୃଷି ଜିଲା ଅଧିକାରୀ ଅଜୟ କୁମାର ନାୟକ ଏବଂ ସମ୍ମାନିତ ଅତିଥିଭାବେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରଜ୍ଞା ପାରମିତା ବିଶ୍ୱାଳ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ସମ୍ବନ୍ଧରେ ସଂଯୋଜକ ସହକାରୀ କୃଷି ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସ ସୂଚନା ଦେବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟି ବ୍ଲକର ଭୂମିହୀନ ଭାଗଚାଷୀମାନଙ୍କ କୃଷି ଓ ସେମାନଙ୍କ ରୋଜଗାର ବଢେଇବା ପାଇଁ ଉଦ୍ଦିଷ୍ଟ ଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ଭାଗଚାଷୀ ଉପସ୍ଥିତ ରହି ସେମାନଙ୍କ ଅସୁବିଧା ସବୁକୁ ଅଧିକାରୀମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ପରେ ବ୍ଲକ କୃଷି ବୈଷୟିକ ଦଳ ଆବାହକ ହାଇବ୍ରୁ ଭୂମିହୀନ ଭାଗଚାଷୀଙ୍କ ଜୀବନ ଓ ଜୀବିକାର ଉନ୍ନତି ପାଇଁ ସରକାରଙ୍କ ଅଭିନବ ଯୋଜନା ବଳରାମ ମାସର ତାତ୍ପର୍ଯ୍ୟ ଉପରେ କହିଥିଲେ। ବିନା ସୁଧରେ ଭୂମିହୀନ ଭାଗଚାଷୀଙ୍କୁ ବିଭିନ୍ନ ବ୍ୟାଙ୍କରୁ କିପରି ଋଣ ମିଳିପାରିବ ସେନେଇ ପରାମର୍ଶ ଦେଇଥିଲେ। ଏହି ଋଣ ଗୋଷ୍ଠୀଗତ ଭାଗଚାଷୀଙ୍କୁ ୧ ଲକ୍ଷ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ମିଳିବ। ଫସଲ ଅମଳ ପରେ ଏହି ଋଣ ପରିଶୋଧ କରିଦେଲେ ଚାଷୀ ଅନ୍ୟ ଏକ ଫସଲ ପାଇଁ ଚାହିଁଲେ ତାଙ୍କୁ ଋଣ ମିଳିପାରିବ। ଏହି ଋଣ ଉପରେ ଆଦୌ ସୁଧ ଦେବାକୁ ପଡ଼ିବ ନାହିଁ। ଏଣୁ ଭୂମିହୀନ ଭାଗଚାଷୀମାନେ ଏହାର ସୁଯୋଗ ନେବାକୁ ସେ ଆହ୍ୱାନ ଦେଇଥିଲେ।

### ବ୍ଲକସ୍ତରୀୟ ବଳରାମ ମାସ ପାଳନ

ବିଡିଓ ତନ୍ତୀ ଭାଗଚାଷୀମାନଙ୍କୁ ସମ୍ବୋଧିତ କରି କହିଲେ, କୃଷିର ଉନ୍ନତିରେ କୃଷକର ଉନ୍ନତି। ଗ୍ରାମାଞ୍ଚଳରେ ରୋଜଗାର ସୃଷ୍ଟି ପାଇଁ ଏକମାତ୍ର ବିକଳ୍ପ କୃଷି। ସରକାର କୃଷି ଓ କୃଷକର ଉନ୍ନତିପାଇଁ ଅନେକ ଯୋଜନା କରୁଛନ୍ତି। ଏଣୁ ଗାଆଁ ଗହଳିର ଯୁବବର୍ଗ ବ୍ୟାଙ୍କରୁ ଋଣ ନେଇ କୃଷି ମାଧ୍ୟମରେ ରୋଜଗାରକ୍ଷମ ହେବା ସହ ଗାଆଁରେ ରୋଜଗାର ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି କୃଷି ଜିଲା ଅଧିକାରୀ ନାୟକ ମୁନିଗୁଡ଼ାରେ କୃଷିକୁ ନେଇ ଅନେକ ସମ୍ଭାବନା ଥିବା କହିବା ସହ ଭାଗଚାଷୀମାନେ ବିନା ସୁଧରେ ଋଣ ନେଇ କୃଷି ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ କହିଥିଲେ। ପରେ ବଡ଼ ଦହିଖାଲାର ମା'ମାଝିଗୌରୀ ଗ୍ରୁପ୍ ସଭାପତି ଓ ସମ୍ପାଦିକା ଉର୍ବଶୀ ନାଲା ଓ ମମତା ପଟ୍ଟନାୟକଙ୍କୁ ଖରିଫରେ ପନିପରିବା ଚାଷ ପାଇଁ କୃଷି ବୈଷୟିକ ପରିଚାଳନା ସଂସ୍ଥା,ରାୟଗଡ଼ା ତରଫରୁ ୧୦ ହଜାର ଟଙ୍କା ଋଣ ଭାବେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭୂମିହୀନ ଭାଗଚାଷୀ,କୃଷି ଅଧିଦର୍ଶକ,ଗ୍ରାମ୍ୟ କୃଷି ଅଧିକାରୀ,କୃଷକ ସାଥୀ,ମୃତ୍ତିକା ସଂରକ୍ଷଣ ବିଭାଗ,ମୁନିଗୁଡ଼ାରେ ଅବସ୍ଥାପିତ ଏସ୍‌ବିଆଇ, ଆଇସିଆସିଆଇ, ୟୁଜିବି,ଦୁଇଟା ଲ୍ୟାମ୍ପସ,ୟୁନିୟନ ବ୍ୟାଙ୍କ,କେସିସି ବ୍ୟାଙ୍କ ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୃଷି ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସ,ରଙ୍କନିଧି ପ୍ରଧାନ ଓ ଲୋପାମୁଦ୍ରା ଖୁଣ୍ଟିଆ ପ୍ରମୁଖ ସହାୟତା କରିଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଡାବୁଗାଁ, ୩।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଗରୁଡ଼ଗୁଡ଼ା ଗ୍ରାମର ଏକ ତେନ୍ତୁଳିଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଡାବୁଗାଁ ଥାନା ଅଧୀନ ଗରୁଡଗୁଡା ଗ୍ରାମର ବ୍ରଜ ହରିଜନଙ୍କ ପୁଅ ଚିନୁ (୧୯)। ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଚିନୁ ନିଶାସକ୍ତ ଅବସ୍ଥାରେ ପରିବାର ଲୋକଙ୍କ ସହ ପାଟିତୁଣ୍ଡ କରିଥିଲେ। ରାତି ପ୍ରାୟ ୧୦ଟାରେ ଆତ୍ମହତ୍ୟା କରିବେ ବୋଲି କହି ନିଜ ଘର ଆଗରେ ଥିବା ଏକ ତେନ୍ତୁଳି ଗଛରେ ଚଢ଼ିଯାଇଥିଲେ। ପରିବାର ଲୋକେ କିଛି ବୁଝିବା ଆଗରୁ ସେ ବେକରେ ଗାମୁଛା ବାନ୍ଧି ଓହଳି ପଡ଼ିଥିଲେ। ପରିବାର ଲୋକେ ଡାବୁଗାଁ ଥାନା ପୋଲିସ ଓ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଖବର ପାଇ ଥାନା ଏଏସ୍‌ଆଇ ଶିଶିରକାନ୍ତ ଘୋଷ, ବିଜୟ କୁମାର ସାହୁ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛରୁ ଚିନୁଙ୍କୁ ଉଦ୍ଧାରକରି ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତକଙ୍କ ବାପା ଡାବୁଗାଁ ଥାନାରେ ଏତଲା ଦେଇଥିଲେ।

# ଅଗ୍ନିକୁମାରୀ ଠାକୁରାଣୀଙ୍କ ଘଟଯାତ୍ରା ଉଦ୍‌ଯାପିତ




ଉଦ୍‌ଯାପନୀ ଦିବସରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ଟିକିରି,୩।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ପୋଡ଼ାପାଡ଼ିଠାରେ ଶ୍ରୀ ମା' ଅଗ୍ନିକୁମାରୀ ଠାକୁରାଣୀଙ୍କ ଘଟଯାତ୍ରା ୯ଦିନ ଧରି ଯାତ୍ରା ହେଉଥିବା ବେଳେ ଏହି ଥର ୧୧ଦିନ ଧରି ପୂଜାର୍ଚ୍ଚନା ହୋଇ ଆସୁଥିଲା। ଶନିବାର ମା'ଙ୍କ ଯାତ୍ରା ଉଦ୍‌ଯାପିତ ହୋଇଛି। ଏହି ୧୧ ଦିନ ସ୍ଥାନୀୟ କଳାକାରମାନେ ବିଭିନ୍ନ ପ୍ରକାର ନାଚଗୀତ ପ୍ରଦର୍ଶନ କରିଥାନ୍ତି। ରାଜାରାଜୁଡା ସମୟରୁ ହିଁ ପୋଡ଼ାପାଡ଼ିରେ ଠାକୁରାଣୀ ଯାତ୍ରା ଆଡମ୍ବରରେ ପାଳନ ହୋଇଆସୁଛି। ଏହି ସମୟରେ ମା'ଙ୍କ ଘଟହାଣ୍ଡି ବାହାରି ପ୍ରତ୍ୟେକ ଦିନ ସାହି ପରିକ୍ରମା କରିଥାଏ ଓ ଗ୍ରାମବାସୀ ଲିଆ, ଗୁଆ, ପଣାପାଣି ଦେଇ ମାଆଙ୍କୁ ଶାନ୍ତି କରିଥାନ୍ତି। ଗ୍ରାମ ପରିକ୍ରମାକରି ଫେରି ଆସିବା ସମୟରେ ମା'ଙ୍କୁ ଗ୍ରାମର ଯୁବକମାନେ ସାଇଲୋଡି ନାଚ ସହିତ ଯାତ୍ରା ପଡିଆ ଯାଏ ପାଛୋଟି ନେଇଥାନ୍ତି। ରାତିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଯାତ୍ରା କମିଟି ତରଫରୁ ବିଭିନ୍ନ ପ୍ରକାର ନାଟ ପରିବେଷଣ ସହ ସାହି ସାହିରେ ଫାର୍ସ ବା ନାଟକ ମଧ୍ୟ ହୋଇଥାଏ। ଲୋକମାନେ ବିଭିନ୍ନ ପ୍ରକାର ଅଲ୍ କାମ୍ ବେଶ ଧାରଣକରି ନୃତ୍ୟ କରିଥାନ୍ତି। ସେଠାରେ ଭକ୍ତମାନେ ଧୂପ,ଦୀପ ଓ ଭୋଗ ଦେଇ ପୂଜା କରିବା ପରେ ଘଟଯାତ୍ରା ସମାପନ ହୋଇଥାଏ। ଗତ ୨ ବର୍ଷ ଧରି କୋଭିଡ୍ କଟକଣା ପାଇଁ ଯାତ୍ରା ନିରାଡ଼ମ୍ବର ଭାବରେ ପାଳନ ହେଉଥିବା ବେଳେ ବର୍ତ୍ତମାନ ଧୁମଧାମରେ ପାଳନ କରାଯାଇଛି ।

# ଓଡ଼ିଶା ପ୍ରେସ୍ ଏକାଡେମୀର ବାର୍ଷିକ ଉତ୍ସବ: ସମ୍ବର୍ଦ୍ଧିତ ହେଲେ ଖବରଦାତା ପ୍ରଶାନ୍ତ

ପଦ୍ମପୁର/ରାୟଗଡ଼ା,୩।୬(ଡି.ଏନ୍.ଏ.)

ଓଡ଼ିଶା ପ୍ରେସ୍ ଏକାଡେମୀର ୨୮ତମ ବାର୍ଷିକ ଉତ୍ସବ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା କର୍ମଜୀବୀ ସାମ୍ବାଦିକ ଓ ସମ୍ପାଦକମାନଙ୍କ ଗୁଣାତ୍ମକ ବୃତ୍ତିଗତ ଶିକ୍ଷା ବୃଦ୍ଧି ୧୯୯୫ ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ କିପରି କରାଯାଇଛି ସେ ଉପରେ ଆଲୋଚନା ହୋଇଥିଲା। ସେଥିରେ ଓଡ଼ିଶାର ପୁରପଲ୍ଲୀରୁ ଅନେକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଉକ୍ତ ଉତ୍ସବରେ ଏକାଡେମୀ ଅଧକ୍ଷ ସଞ୍ଜୟ କୁମାର ପ୍ରଧାନ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ତଥା ପରିଚୟ ପ୍ରଦାନ କରାଇଥିଲେ। ନିମନ୍ତ୍ରିତ ଅତିଥି କୃଷି ବିଭାଗ ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା କହିଥିଲେ, ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ସଭାପତି ସୁଜ୍ଞାନ ଚୌଧୁରୀ ପ୍ରେସ୍ ଏକାଡେମୀର ବାର୍ଷିକ ଉତ୍ସବ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ମତ ରଖିଥିଲେ। ଏହା ପରେ ଓଡ଼ିଶା ପ୍ରେସ୍ ଏକାଡେମୀ ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଓ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ସାମ୍ବାଦିକମାନଙ୍କ ଅଧିକାର ଓ କର୍ତ୍ତବ୍ୟ ସହ ସରକାରଙ୍କ ଆଭିମୁଖ୍ୟ କ'ଣ ରହିବା କଥା ସେ ବିଷୟରେ ଆଲୋଚନା କରିଥିଲେ। ପରେ ପ୍ରେସ୍ ଏକାଡେମୀ ଦ୍ୱାରା ୨୦୨୨ ମେ ୩୧ରେ ଡିପ୍ଲୋମା ଇନ୍ ଜର୍ନାଲିଜମ୍‌ରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବାରୁ ରାୟଗଡ଼ ଜିଲାର ବରିଷ୍ଠ ଖବରଦାତା ପ୍ରଶାନ୍ତ କୁମାର କରଙ୍କୁ ପ୍ରମାଣପତ୍ର ଦେଇ ଉତ୍ସାହିତ କରାଯାଇଥିଲା। ସୂଚନାଯୋଗ୍ୟ, କର ଏଥି ପୂର୍ବରୁ ରାଜ୍ୟ ତଥା ବାହାରୁ ମଧ୍ୟ ଅନେକ ଥର ପୁରସ୍କୃତ ହୋଇଛନ୍ତି ।




ଖବରଦାତା ପ୍ରଶାନ୍ତ କୁମାର କରଙ୍କ ସମ୍ବର୍ଦ୍ଧିତ କରାଯାଉଛି ।

# ଜୁଲାଇ ସୁଦ୍ଧା ଗଠନ ହେବ କ୍ରୀଡ଼ା ସଂସଦ: ଜିଲାପାଳ

ରାୟଗଡା ଅଫିସ,୩।୬

ଜିଲା ଆଥ୍‌ଲେଟିକ ଆସୋଶିଏଶନ ନିର୍ବାଚନ ପାଇଁ ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧକ୍ଷତାରେ ଶନିବାର ରାୟଗଡା ଚିନ୍ତନ କକ୍ଷଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା କ୍ରୀଡା ଅଧିକାରୀ ଶେଖ ଅଲି ନୁର ଉପସ୍ଥିତ ଥିଲେ। ଜୁଲାଇ ସୁଦ୍ଧା କ୍ରୀଡା ସଂସଦ ଗଠନ କରାଯିବ ବୋଲି ଜିଲାପାଳ ଜିଲା କ୍ରୀଡା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଆଥଲେଟିକ ଆସୋସିଏଶନ ନିର୍ବାଚନ ନ ହୋଇ ରହିଥିଲା। ଜିଲାପାଳ ସ୍ୱାଧାଦେବ ସିଂ ରାୟଗଡାକୁ ଆସିବା ପରେ ଅନେକ ଥର କ୍ରୀଡାବିତ୍‌ମାନେ ଏହାକୁ ନେଇ ପୁନଃ ଚାଲୁ ପାଇଁ ଅନୁରୋଧ ପରେ ଜିଲାପାଳ ରାୟଗଡା ସିଭିଲ ସୋସାଇଟି ଏବଂ କ୍ରୀଡା ବିତ୍‌ମାନଙ୍କୁ ନେଇ ଶନିବାର ବୈଠକ କରିଥିଲେ। ନୂଆ ଆଥଲେଟିକ ଆସୋସିଏଶର ସଦସ୍ୟ ଏହାର ଯୋଗ୍ୟତା ଏବଂ କ୍ରୀଡା ସଂସଦନିର୍ବାଚନର ନିୟମ ବିଷୟରେ ଆଲୋଚନା ହୋଇଛି। ଜିଲା କ୍ରୀଡା ସଂଘ ଗଠନ ପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ପାଇଁ ଜିଲାମଙ୍ଗଳ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ପିଇଟି ଶିକ୍ଷକଙ୍କୁ ପରିଚାଳନା ଦାୟିତ୍ୱ ଦିଆଯିବ ବୋଲି ଜିଲାପାଳ କହିଛନ୍ତି । ନିର୍ବାଚନ ଲଢ଼ିବା ପାଇଁ ଆଶାୟୀ ପ୍ରାଥୀ ମାନେ ରାଜ୍ୟ, ଜାତୀୟ ଅନ୍ତର୍ଜାତୀୟସ୍ତରରେ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରମାଣପତ୍ର ଦେବା ବାଧ୍ୟତାମୂଳକ କରାଯାଇଛି। ସଂଘରେ ସଦସ୍ୟ ଗ୍ରହଣ କାଟିବାକୁ ହେଲେ ବୟସ ସୀମା ୧୮ ରୁ ୬୦ ବର୍ଷ ରଖାଯାଇଛି। ସଂଘରେ କାର୍ଯ୍ୟାଳୟ ପଦବୀ ପାଇଁ ଯୋଗ୍ୟତା ଯୁକ୍ତ ୨ ବାଧ୍ୟତାମୂଳକ କରାଯାଇଛି । ବିଭିନ୍ନ ସଦସ୍ୟତା ପାଇଁ ଦେୟ ମଧ୍ୟ ପୈଠ କରିବାକୁ ପଡିବ ବୋଲି ଆଲୋଚନା ହୋଇଛି ।



ବୈଠକରେ ଜିଲାପାଳ ଆଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୪ ଜୁନ୍, ୨୦୨୩



**ଦୁର୍ଘଟଣାରେ ମୃତ ଦମ୍ପତିଙ୍କ ପରିବାରକୁ ଆର୍ଥିକ ସହାୟତା**

ପାପଡ଼ାହାଣ୍ଡି,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତଣ୍ଡାଗୁଡା ନିକଟରେ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦମ୍ପତିଙ୍କୁ ଶନିବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରେଡ୍‌କ୍ରସ୍ ପକ୍ଷରୁ ତହସିଲଦାର ଯୋଗେଶ୍ୱର ଭୋଇ ୩୦ ହଜାର ଟଙ୍କା ପ୍ରଦାନ କରିବା ପରେ ମୃତଦେହ ନବରଙ୍ଗପୁରରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ସରପଞ୍ଚ ଜଗଜ୍ଜୀବନ ନାୟକ ହରିଶ୍ଚନ୍ଦ୍ର ଯୋଜନାରେ ୬ ହଜାର ଟଙ୍କା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଜଗନ୍ନାଥ ପଥ ନିର୍ମାଣ ନେଇ ପଡ଼ିଲା ଶୁଭ

ଉମରକୋଟ, ୩।୬(ସ୍ୱ.ପ୍ର.)- ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଉମରକୋଟ ପୌର ପ୍ରଶାସନ ପକ୍ଷରୁ ଜଗନ୍ନାଥ ପଥ ପ୍ରସ୍ତୁତି କାର୍ଯ୍ୟ ଜୋର୍‌ସୋରରେ ଆରମ୍ଭ ହୋଇଛି। ବୁଧବାର ଏହି କାର୍ଯ୍ୟର ଶୁଭ ପଡ଼ିଛି। ଜଗନ୍ନାଥ ମନ୍ଦିର ନିକଟରୁ ମାଉସୀ ମା'ଙ୍କ ମନ୍ଦିର ଯାଏଁ ପ୍ରାୟ ୧ କି.ମି. ଦୂରତା। ମାଉସୀ ମା' ମନ୍ଦିର ପାଖରେ ରାସ୍ତା ସମ୍ପୂର୍ଣ୍ଣ ଖରାପ ରହିଥିଲା। ଅନ୍ୟପଟେ କିଛି ମାସ ପୂର୍ବରୁ ମାଉସୀ ମା' ମନ୍ଦିର ନିକଟରେ ଏକ କଲଭର୍ଟ ତିଆରି ହୋଇଥିଲା। କିନ୍ତୁ ତାହା ରାସ୍ତାଠାରୁ ବହୁ ଉଚ୍ଚରେ ଥିବାରୁ ରଥ ମାଉସୀମା'ଙ୍କ ମନ୍ଦିର ନିକଟକୁ ପହଞ୍ଚିପାରି ନ ଥାନ୍ତା। ଏହାର ନିରାକରଣ ପାଇଁ ଜଗନ୍ନାଥପ୍ରେମୀ ଓ କାଉନସିଲର ମନୋଜ ନାୟକଙ୍କ ସହ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଭକ୍ତଙ୍କ ଭାବକୁ ହୃଦୟଙ୍ଗମ କରି ପୌର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ପରେ ପୌର ପ୍ରଶାସନ ଖରାପ ରାସ୍ତାର ମରାମତି ସହ ମାଉସୀ ମା' ମନ୍ଦିର ନିକଟକୁ ଯେପରି ରଥ ପହଞ୍ଚିପାରିବ ସେଥିପ୍ରତି ଦୃଷ୍ଟି ଦେଇ ୫୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତାର ପ୍ରଶସ୍ତୀକରଣ ସହ ନୂତନ ରାସ୍ତା ତିଆରି ପାଇଁ ପଦକ୍ଷେପ ନେଇଛନ୍ତି। କାର୍ଯ୍ୟକ୍ରମରେ ପୌର ଉପାଧକ୍ଷ ସୁଧାଂଶୁ ଦାସ, କାଉନସିଲର ମନୋଜ ନାୟକ, ପୌର ନିର୍ବାହୀ ଅଧିକାରୀ ରଷି ମାଝି, କନିଷ୍ଠ ଯନ୍ତ୍ରୀ ହିମାଂଶୁ ଭୂଷଣ ମହାନ୍ତି, କୈଳାସ ନାୟକ,ରାଜେଶ ରାଜୁ, ହିମାଂଶୁ ଜେନା ଓ ଠିକାଦାର ପ୍ରମୁଖ ଉପସ୍ଥିତ ଥିଲେ।

### ହଜ୍ ଯାତ୍ରାରେ ଗଲେ ୩

ପାପଡ଼ାହାଣ୍ଡି, ୩।୬(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରୁ ୩ ଜଣ ଶନିବାର ହଜ୍ ଯାତ୍ରା କରିଛନ୍ତି। ସେମାନେ ହେଲେ ମହମ୍ମଦ ଆଫଜାଲ୍, ତାଙ୍କ ବାପା ମହମ୍ମଦ ଆଦଲ ଓ ମା ଖୁର୍ସିଦା ବେଗମ୍ । ସେମାନେ ଯିବାବେଳେ ମୁସଲମାନ ସମ୍ପ୍ରଦାୟ ଲୋକେ ସେମାନଙ୍କୁ ଫୁଲମାଳ ପିନ୍ଧାଇ ଯାତ୍ରା ସଫଳ ହେବାକୁ କାମନା କରିଥିଲେ। ଜୁନ୍ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ହଜ୍ ଯାତ୍ରା ପାଳନ ହେବ। ଏହା ପୂର୍ବରୁ ବହୁ ନିୟମ ଅନୁଯାୟୀ ଧାର୍ମିକ ପରମ୍ପରା ପାଳନ କରିବାକୁ ପଡିଥାଏ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଡାବୁଗାଁ, ୩।୬(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଗରୁଡ଼ଗୁଡ଼ା ଗ୍ରାମର ଏକ ତେନ୍ତୁଳିଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଡାବୁଗାଁ ଥାନା ଅଧୀନ ଗରୁଡଗୁଡା ଗ୍ରାମର ବ୍ରଜ ହରିଜନଙ୍କ ପୁଅ ଚିନୁ (୧୯)। ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଚିନୁ ନିଶାସକ୍ତ ଅବସ୍ଥାରେ ପରିବାର ଲୋକଙ୍କ ସହ ପାଟିତୁଣ୍ଡ କରିଥିଲେ। ରାତି ପ୍ରାୟ ୧୦ଟାରେ ଆତ୍ମହତ୍ୟା କରିବେ ବୋଲି କହି ନିଜ ଘର ଆଗରେ ଥିବା ଏକ ତେନ୍ତୁଳି ଗଛରେ ଚଢ଼ିଯାଇଥିଲେ। ପରିବାର ଲୋକେ କିଛି ବୁଝିବା ଆଗରୁ ସେ ବେକରେ ଗାମୁଛା ବାନ୍ଧି ଓହଳି ପଡ଼ିଥିଲେ। ପରିବାର ଲୋକେ ଡାବୁଗାଁ ଥାନା ପୋଲିସ ଓ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଖବର ପାଇ ଥାନା ଏଏସ୍‌ଆଇ ଶିଶିରକାନ୍ତ ଘୋଷ, ବିଜୟ କୁମାର ସାହୁ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛରୁ ଚିନୁଙ୍କୁ ଉଦ୍ଧାରକରି ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତକଙ୍କ ବାପା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସ୍‌ଆଇ ପୁଷ୍ପଲତା ସୁନାନୀ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପୋଲିସ କେସ୍ ନଂ ୨୧/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଟ୍ରେନ୍ ଦୁର୍ଘଟଣା ମୃତକଙ୍କୁ ଅମଲାଙ୍କ ଶ୍ରଦ୍ଧାଞ୍ଜଳି

ନବରଙ୍ଗପୁର,୩।୬(ବି.ପ୍ର.)- ନବରଙ୍ଗପୁର ଜିଲାପାଳ ଓ ଉମରକୋଟ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଲାମାନେ ୩ ଦିନ ହେବ ଧାରଣାରେ ବସିଛନ୍ତି। ଶନିବାର ଅମଲାମାନେ ଧାରଣାସ୍ଥଳକୁ ଯିବା ପୂର୍ବରୁ ବାଲେଶ୍ୱର ଜିଲା ବାହାନଗା ରେଳ ଷ୍ଟେସନରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ବିଶେଷଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଆହତମାନଙ୍କ ଆରୋଗ୍ୟ କାମନା କରିଥିଲେ। ଆହତଙ୍କ ଚିକିତ୍ସା ପାଇଁ ଆବଶ୍ୟକ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ରକ୍ତ ଦାନ କରିବା ସହିତ ଉକ୍ତ ରକ୍ତକୁ ବାଲେଶ୍ୱର ପହଞ୍ଚାଇବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଏହି କାର୍ଯ୍ୟକ୍ରମରେ ସଦରମହକୁମାର ପ୍ରାୟ ଦେଢ ଶହରୁ ଅଧିକ ଅମଲା ଯୋଗଦାନ କରିଥିଲେ। ଅମଲା ସଂଘର ଦାବିକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ ଯଥାର୍ଥ ବୋଲି ପ୍ରତିପାଦିତ କରିଥିଲେ। କାର୍ଯ୍ୟକ୍ରମରେ ଓଡିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତଥା ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ରାଜ୍ୟ ସଭ୍ୟ ତ୍ରିପତି ବାଲାଜୀ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ତାଲା ପକାଇଥିବା ଜିଲା ପରିଷଦ ସଭ୍ୟଙ୍କ ନାମରେ ଏତଲା

- ଜିଲା ପରିଷଦ କାର୍ଯ୍ୟାଳୟରେ ତାଲା ପକାଇବା ଘଟଣା
- ତହସିଲଦାର, ପୋଲିସ ଉପସ୍ଥିତିରେ ଭଙ୍ଗାଗଲା ତାଲା

ନବରଙ୍ଗପୁର ,୩।୬(ବି.ପ୍ର.)
ନବରଙ୍ଗପୁର ଜିଲାପରିଷଦ କାର୍ଯ୍ୟାଳୟରେ ତାଲା ପକାଇବା ପରେ ଜିଲା ପରିଷଦ ସଭ୍ୟ ଦିବ୍ୟଦାନ ସୁନାଙ୍କ ନାମରେ ନବରଙ୍ଗପୁର ଥାନାରେ ମାମଲା ରୁଜୁ କରାଯାଇଛି। ଜିଲାପରିଷଦ କାର୍ଯ୍ୟାଳୟର ଆରଜିଏସ୍ଏ ଡିପିଏମ ଶାଶ୍ୱତୀ ଅମୃତା ମହାନ୍ତି ନବରଙ୍ଗପୁର ଥାନାରେ ଜିଲାପରିଷଦ ସଭ୍ୟ ଦିବ୍ୟଦାନ ସୁନା ଓ ଦାଉଦ ନାଗଙ୍କ ନାମରେ ଏତଲା ଦେଇଛନ୍ତି। ଡିପିଏମ୍‌ଙ୍କ ଏତଲାକୁ ଆଧାର କରି ନବରଙ୍ଗପୁର ଥାନାରେ କେସ ନଂ ୨୩୬/୨୩ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ସରକାରୀ କାର୍ଯ୍ୟରେ ବାଧା, ଧମକ ଦେବା, କୋଠରୀରୁ ବାହାର କରିଦେବା ଭଳି ଗୁରୁତର ଅଭିଯୋଗ କରିଛନ୍ତି।ନବରଙ୍ଗପୁର ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଥାନାଧିକାରୀ ନରେଶ ପ୍ରଧାନ ଓ ଷ୍ଟାଫ ଡିଆରଡିଏ କାର୍ଯ୍ୟାଳୟକୁ ପହଞ୍ଚି ଡିପିଏମ ଓ ଜିଲା ପରିଷଦ ସଭାପତିଙ୍କ ବ୍ୟକ୍ତିଗତ ସହାୟକଙ୍କ କୋଠରୀରୁ ତାଲା ଭାଙ୍ଗିଥିଲେ। ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଛନ୍ତି ଏସଆଇ ପୂର୍ଣ୍ଣିମା ଟାଟେ।

ସୂଚନାନୁଯାୟୀ, ୨୦୨୦-୨୧ରେ ନନ୍ଦାହାଣ୍ଡି ପଞ୍ଚାୟତର ଘଟରଲିଆଗୁଡାର ଏକ ସୁରକ୍ଷା ପାଚେରୀ ପାଇଁ ୪ ଲକ୍ଷ ୮ ହଜାର ଟଙ୍କା ଅନୁଦାନ ଦିଆଯାଇଥିଲା। ତେବେ ଜାଗା ପ୍ରତିବନ୍ଧକ ଯୋଗୁ କାମ ହୋଇପାରିନଥିଲା। ଏହି ଅର୍ଥକୁ ଅନ୍ୟତ୍ର ବିନିଯୋଗ କରିବା ପାଇଁ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଦିବ୍ୟଦାନ ଚିଠି ଲେଖିଥିଲେ। ଏ ମଧ୍ୟରେ ୪ ମାସ ବିତିଯାଇଥିଲେ ମଧ ପାଣ୍ଠି ସ୍ଥାନାନ୍ତର ହୋଇନପାରିବା ଏବଂ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ। ଶୁକ୍ରବାର ଡିପିଏମ୍‌ଙ୍କ କୋଠରୀରେ ତାଙ୍କ ଫାଇଲ ଚିରା ଅବସ୍ଥାରେ ପଡିଥିବା ଦେଖି ସେ ଡିପିଏମ୍ ଓ ଜିଲାପରିଷଦ ସଭାପତିଙ୍କ ପିଏଙ୍କ କାର୍ଯ୍ୟାଳୟରେ ତାଲା ଠୁଙ୍କି ଥିଲେ। ପ୍ରକାଶ ଥାଉକି ପୂର୍ବତନ ଡିଆରଡିଏ ପିଡି ରତ୍ନାକର ସାହୁ ମଧ ତାଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରି ବିବାଦ ହୋଇଥିଲା। ସେହି ସମୟରେ ପିଡି ଦିବ୍ୟଦାନ ସୁନାଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ପରବର୍ତ୍ତୀ ସମୟରେ ବିବାଦ ଥମିଥିଲା।

## ଜଗନ୍ନାଥ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ



ନବରଙ୍ଗପୁର, ୩।୬ (ବି.ପ୍ର.)
ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨୦୧୫ ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀରେ ନବରଙ୍ଗପୁର ଶ୍ରୀଜୀଉ ୧୫୦ବର୍ଷ ପୁରାତନ ମନ୍ଦିରର ରତ୍ନ ସିଂହାସନରୁ ନୂତନ ରତ୍ନ ସିଂହାସନକୁ ବିଜେ କରିଥିଲେ। ସେହି ଦିନରୁ ପ୍ରତିବର୍ଷ ଏହି ତିଥିରେ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ପାଳନ କରାଯାଉଛି। ଶନିବାର ପ୍ରାତଃ ୭ଟାରେ ସୂର୍ଯ୍ୟପୂଜା ସରିବା ପରେ ପ୍ରତିଷ୍ଠା ପୂଜା ହୋମ ଆଦି କରାଯାଇଥିଲା। ସନ୍ଧ୍ୟା ୬.୩୦ରେ ଶ୍ରୀଜୀଉଙ୍କ ସନ୍ଧ୍ୟା ଆରତି ସରିବା ପରେ ପୂର୍ଣ୍ଣାହୁତି ହୋଇ ପ୍ରତିଷ୍ଠା ବାର୍ଷିକ ଉତ୍ସବ ପୂଜାର ନୀତିକାନ୍ତି ଶେଷ ହୋଇଥିଲା। ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଷ୍ଠା ବାର୍ଷିକ ଉତ୍ସବରେ କର୍ତ୍ତା ଭାବେ ସୁଶାନ୍ତ ପାଣିଗ୍ରାହୀ ବସିଥିଲେ। ପଣ୍ଡିତ ପ୍ରମୋଦ ତ୍ରିପାଠୀ, ସୁଧାକର ପାଢ଼ୀ, ସୁମିତ କୁମାର ହଡ଼ପ, ଜଗନ୍ନାଥ ମନ୍ଦିର ପୂଜକ ଶେଷ ବ୍ରହ୍ମା, ଜଗନ୍ନାଥ ବ୍ରହ୍ମା, ମାଁ ଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର ଶତପଥୀ, ସଭାପତି ନରସିଂହ ତ୍ରିପାଠୀ, ଜଗନ୍ନାଥ ଦାସ, ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ଉପ ସଭାପତି ଭବାନୀ ଶତପଥୀ, ଶ୍ରୀକାନ୍ତ ପଣ୍ଡା, ସୁମିତ ପାଳ, ପପୁ ତ୍ରିପାଠୀ, ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ସମ୍ପାଦକ କୁନା ପାତ୍ରଙ୍କ ସମେତ ବହୁ ଜଗନ୍ନାଥପ୍ରେମୀ ଯୋଗଦେଇଥିଲେ।

## ଗୁଟ୍‌ଖା ଦୋକାନରେ ଚଢ଼ାଉ, ଜରିମାନା

ଉମରକୋଟ, ୩।୬(ସ୍ୱ.ପ୍ର.)
ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ନବକିଶୋର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଉମରକୋଟର ଗୁଟ୍‌ଖା ବିକ୍ରି କରୁଥିବା ୨୭ ଦୋକାନରେ ଚଢ଼ାଉକରି ୫୨୫୦ ଟଙ୍କା ଜରିମାନା ଆଦାୟ କରିଛି। ଏହି ଟିମ୍‌ରେ ଖାଦ୍ୟ ନିରାପତ୍ତା ଅଧିକାରୀ ଅରୁଣ କୁମାର ମହାରଣା, ଜିଲା ପରାମର୍ଶଦାତା ତରୁଣ କୁମାର ସାହୁ, ଉମରକୋଟ ଥାନା ପୋଲିସ ସବ୍ ଇନ୍ସପେକ୍ଟର ଅକ୍ଷୟ ମିଶ୍ର ଓ ପୋଲିସ କର୍ମଚାରୀ ସାମିଲ ଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଗୁଟ୍‌ଖା ଉପରେ ଏକ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ବର୍ତ୍ତମାନ କୌଣସି ଦୋକାନୀଙ୍କ ଠାରୁ ଗୁଟ୍‌ଖା ଜବତ କରାଯାଇନାହିଁ କିମ୍ବା କେସ୍ ମଧ କରାଯାଇନାହିଁ। ପୁନର୍ବାର ଯାଞ୍ଚ ବେଳେ ଗୁଟ୍‌ଖା ବିକ୍ରି କରୁଥିବା ଜଣାପଡ଼ିଲେ ସେମାନଙ୍କ ନାମରେ କେସ୍ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପରାମର୍ଶଦାତା ତରୁଣ କୁମାର ସାହୁ ସୂଚନା ଦେଇଛନ୍ତି।



ଚଢ଼ାଉରେ ସାମିଲ ଅଧିକାରୀମାନେ ।

## ଟ୍ରେନ୍‌ଲାଇନ୍ କାର୍ଯ୍ୟରେ ନିୟୋଜିତ ଶ୍ରମିକ ପାଉନାହାନ୍ତି ମଜୁରି

ଏହା କେନ୍ଦ୍ର ସରକାରଙ୍କ ଅଧୀନ, ମୁଁ କିଛି କରିପାରିବିନି: ଜିଲା ଶ୍ରମ ଅଧିକାରୀ

ବୈପାରିଗୁଡା,୩।୬ (ଡି.ଏନ୍.ଏ.)
କୋରାପୁଟ ଜିଲା ବୈପାରିଗୁଡା ବ୍ଲକ କାଠପଡା ପଞ୍ଚାୟତ ବଡବେତ ଗ୍ରାମର ୧୨ଜଣ ଶ୍ରମିକଙ୍କୁ ଟ୍ରେନ୍ ଲାଇନ୍ କାମରେ ନିୟୋଜିତ କରି ୪ ମାସ ହେଲା ଠିକାଦାର ମଜୁରି ବାବଦ ପ୍ରାପ୍ୟ ଦେଉ ନ ଥିବା ଅଭିଯୋଗ ହୋଇଛି।

ଖବରରୁ ଜଣାପଡିଛଇ, ରାୟଗଡା ଅଞ୍ଚଳର ଠିକାଦାର ରମେଶ ମିଶାଲ ୧୨ ଜର ଶ୍ରମିକଙ୍କୁ ରାୟଗଡା- ପାର୍ବତୀପୁର ମଧ୍ୟରେ ନିର୍ମାଣ ହେଉଥିବା ଟ୍ରେନ୍ ଲାଇନ୍ କାମରେ ନିୟୋଜିତ କରିଥିଲେ। ପ୍ରତିଦିନ ସକାଳ ୮ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଶ୍ରମିକମାନେ କାମ କରୁଥିଲେ। ଦୈନିକ ମଜୁରି ବାବଦରେ ୩ ଶହ ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା। ଶ୍ରମିକ ମାନେ ନିଜ ହାତରୁ ଖର୍ଚ୍ଚ କରି ରାନ୍ଧି ଖାଉଥିଲେ। ୪ ମାସ କାମ କରିବା ପରେ ଚଇତି ପରବ ବେଳେ ଗ୍ରାମକୁ ଫେରିବାକୁ ଶ୍ରମିକମାନେ କହିବାରୁ ଠିକାଦାର ମିଶାଲ କେବଳ ଗାଡି ଭଡା ବାବଦକୁ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ଲେଖାଏ ଦେଇ ବଳକା ଟଙ୍କା ଫୋନ୍ ପେରେ ପଠାଇ ଦେବାକୁ କହିଥିଲେ। ପରେ ଶ୍ରମିକମାନେ ଗ୍ରାମକୁ ଆସି ସମ୍ପୃକ୍ତ ଠିକାଦାରଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ପ୍ରତ୍ୟେକ ଶ୍ରମିକ ପ୍ରାୟ ୪୦ ହଜାର ଟଙ୍କା ଲେଖାଏ ପାଇବାକୁ ଥିବା ବେଳେ ଠିକାଦାର ସେମାନଙ୍କୁ ଆଉ ଧରାଛୁଆଁ ଦେଉ ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ସେମାନଙ୍କ ବକେୟା ମଜୁରି ବାବଦ ପ୍ରାପ୍ୟ ଫେରାଇବା ଦିଗରେ ପ୍ରଶାସନ ସହଯୋଗ କରିବାକୁ ଶ୍ରମିକ ଜଗନ୍ନାଥ କ୍ରିଷାନି, ଜିତୁ ବଡନାୟକ, ଧନପତି ମାଝି, ଲୈଖନ ମାଝି, ଅର୍ଜୁନ ମୁଦୁଲି, ଶୋଭା ମୁଦୁଲି, ପ୍ରତିମା ମାଝି ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ରେଲୱେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବାରୁ ସେ କିଛି କରିପାରିବେ ନାହିଁ ବୋଲି କହିଥିଲେ।

## ମାର୍ଚ୍ଚରୁ କର୍ମଚାରୀଙ୍କୁ ଦରମା, ହିତାଧିକାରୀଙ୍କୁ ପ୍ରୋତ୍ସାହନ ନାହିଁ

- ଅଭାବୀ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ
- ମିଳିନି ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଣ୍ଠି

ନନ୍ଦପୁର, ୩।୬ (ଡି.ଏନ୍.ଏ.)
ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ପାଣ୍ଠିର ଅଭାବ ଦେଖାଦେଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ଅଦ୍ୟାବଧି ପାଣ୍ଠି ପ୍ରଦାନ କରାଯାଇ ନାହିଁ। ଫଳତଃ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମିଶନ ଅଧୀନ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବାରେ ବାଧା ସୃଷ୍ଟି ହୋଇଛି। ଫେବୃୟାରୀ ଶେଷରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଥିବା ଟଙ୍କାକୁ ଫେରାଇ ନିଆଯାଇଥିଲା। ପୁନଃ ନୂତନ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ପ୍ରସ୍ତାବିତ ଅଟକଳ ଅନୁଯାୟୀ ପାଣ୍ଠି ପ୍ରଦାନ କରାଯିବାର ବ୍ୟବସ୍ଥାରେ ବ୍ୟତିକ୍ରମ ହୋଇଛି। ରାଜ୍ୟ ସରକାର ପୂର୍ବବର୍ଷର ବିନିଯୋଗ ପ୍ରମାଣପତ୍ର ଦେଇ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅନୁମାନ କରିଛନ୍ତି। ଫଳରେ ବର୍ତ୍ତମାନ ୩ ମାସ ହେଲା ବିଭାଗ ଉଧାର ଓ ଅସନ୍ତୋଷରେ ଚାଲିଥିବା ଅଭିଯୋଗ ହୋଇଛି।

ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କୋରାପୁଟ ଜିଲାର ୩୦୦୦ରୁ ଊର୍ଦ୍ଧ୍ୱ ଆଶାକର୍ମୀଙ୍କୁ ମାର୍ଚ୍ଚ ମାସରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ନାହିଁ ବୋଲି ଆଶାକର୍ମୀମାନେ କହିଛନ୍ତି। ଜନନୀ ଶିଶୁ ସୁରକ୍ଷା ଯୋଜନାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ହେଲେ ମା'ଙ୍କୁ ମିଳିବାକୁ ଥିବା ୧୯୦୦ ଟଙ୍କାର ସହାୟତା ରାଶି ୩ ମାସ ହେଲା ମିଳିନାହିଁ। ପ୍ରସୂତିମାନେ କେବେ ମିଳିବ ବୋଲି ପ୍ରଶ୍ନ କରୁଛନ୍ତି। ଥାଲାସେମିଆ ବା ସିକଲସେଲ୍ ରୋଗରେ ପୀଡ଼ିତ ଗରିବ ରୋଗୀଙ୍କୁ ମାସିକ ୫୦୦ ଟଙ୍କାର ସହାୟତା ରାଶି ପ୍ରଦାନରେ ବାଧା ସୃଷ୍ଟି ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ରାଷ୍ଟ୍ରୀୟ ବାଲ୍ ବିକାଶ, ଆର୍‌ବିଏସ୍‌କେ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳ ଏମ୍‌ଏଚ୍‌ୟୁ, ଡିପିଏମ୍‌ୟୁ, ଆୟୁଷ ଆଦି ଯୋଜନାର ଡାକ୍ତର, ଫାର୍ମାସିଷ୍ଟ, ଏଏନ୍‌ଏମ୍ ଓ ଅନ୍ୟ ଆଉଟସୋର୍ସ କର୍ମଚାରୀ ବିନା ଦରମାରେ ୩ମାସ ହେଲା କାମ କରୁଥିବା କହିଛନ୍ତି। ସେହିଭଳି ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଗ୍ରାମାଞ୍ଚଳରେ ରୋଗୀ, ଡାକ୍ତର ଓ କର୍ମଚାରୀ ପରିବହନ ନିମନ୍ତେ ବିଭିନ୍ନ ଯୋଜନାରେ ନିଯୁକ୍ତ ୩ରୁ ୪ଟି ଲେଖାଏ ଗାଡ଼ିର ମାସିକ ଭଡ଼ା କିମ୍ବା ଡିଜେଲ ବାବଦକୁ ପ୍ରାପ୍ୟ ଦିଆଯାଇ ନ ଥିବାରୁ ଗାଡ଼ି ମାଲିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗାଡ଼ିଗୁଡ଼ିକର ପ୍ରାପ୍ୟ ନ ମିଳିଲେ ଆଗାମୀ ଦିନରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଗାଡ଼ି ରଖି ଗାଡ଼ି ଚଳାଚଳ ବନ୍ଦ କରିବେ ବୋଲି ମାଲିକମାନେ କହିଛନ୍ତି। ୩ମାସ ହେଲା ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟ ଅସନ୍ତୋଷରେ ଚାଲିଛି। ରାଜ୍ୟସ୍ତରରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଆସିଥିବା ଟଙ୍କା ବିନିଯୋଗ ପ୍ରମାଣପତ୍ର ବର୍ତ୍ତମାନ ସୁଦ୍ଧା କେନ୍ଦ୍ରୀୟ ସ୍ୱାସ୍ଥ୍ୟ ବିଭାଗକୁ ଦିଆଯାଇ ନ ଥିବାରୁ ଟଙ୍କା ନେଣଦେଣ ବନ୍ଦ ହୋଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବୀ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଏଭଳି ଅସୁବିଧା କେବେ ଦୂରହେବ ଜାଣିବାକୁ କୋରାପୁଟ ସିଡିଏମ୍‌ଓ ଅରୁଣ କୁମାର ପାଢ଼ୀଙ୍କୁ ଫୋନ ମାଧମରେ ଯୋଗାଯୋଗ କରାଯାଇଥିଲେ ମଧ ଫୋନ ଉଠାଉ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍‌ଓ ଶୁଭକାନ୍ତ ଗନ୍ତାୟତଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହା କେବଳ କୋରାପୁଟ ଜିଲାର ସମସ୍ୟା ନୁହେଁ, ସାରା ରାଜ୍ୟର ସମସ୍ୟା। ରାଜ୍ୟ ଓ କେନ୍ଦ୍ରର ଆଲୋଚନା ପରେ ଟଙ୍କା ଆସିବ। ଏହାପରେ ସମସ୍ତଙ୍କୁ ଦରମା, ପ୍ରୋତ୍ସାହନ ଓ ଭଡ଼ା ଆଦି ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ଗଞ୍ଜେଇ ଜବତ, ୪ ଗିରଫ

ମାଲକାନଗିରି,୩।୬ (ଡି.ଏନ୍.ଏ.)
ଗଞ୍ଜେଇ ଚୋରାଚାଲାଣ ବେଳେ ମାଲକାନଗିରି ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଚିତ୍ରକୋଣ୍ଡା ଥାନା ଡାଇକ୍-୨ ଗ୍ରାମର ମଧୁ ଖିଲ, ଧନୁର୍ଜୟ ଖିଲ, ଚୈତନ ଦିଗାପୁରିଆ ଓ ପଦ୍ମଗିରି ପଞ୍ଚାୟତ ଏମ୍.ଭି.-୮୪ ଗ୍ରାମର ବନଲାଲ ଦୋ। ଶୁକ୍ରବାର ରାତିରେ ମାଲକାନଗିରି ପୋଲିସ ମାଲକାନଗିରି ବ୍ଲକ ପଦ୍ମଗିରି ଛକଠାରେ ପାଟ୍ରୋଲିଂ କରୁଥିବା ବେଳେ ଏକ ସ୍କୁଟିରେ ୪ ଜଣ ଆସୁଥିବା ଦେଖି ସେମାନଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେମାନଙ୍କଠାରୁ ୬୦ କେଜି ଗଞ୍ଜେଇ ୩ଟି ବସ୍ତାରୁ ମିଳିଥିଲା। ସ୍କୁଟି ଏବଂ ଗଞ୍ଜେଇକୁ ଜବତ କରି ପୋଲିସ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୧୭ ହଜାର ଶହେଟଙ୍କା ଜବତ ହୋଇଛି। ଏକ ମାମଲା ରୁଜୁ କରି ଶନିବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି।



ଗିରଫ ୪ ଅଭିଯୁକ୍ତ।

## ମୋବାଇଲ ସହ ବାଇକ୍ ନେଇଗଲେ ଦୁର୍ବୃତ୍ତ

ପାପଡ଼ାହାଣ୍ଡି,୩।୬(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ଆମ୍ବପାଣି କୁଢ଼ରି ଘାଟି ନିକଟରେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ମୋବାଇଲ ଓ ବାଇକ ଛଡ଼ାଇ ନେଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ମଇଦଲପୁର ଥାନା ପୋଲିସ କେସ୍ ନଂ. ୮୦/୨୩ରେ ମାମଲା ରୁଜୁ କରିଛି। ଥାନାଧିକାରୀ ନଟବର ନନ୍ଦ ତଦନ୍ତ ଆରମ୍ଭ କରିଛନ୍ତି । ସୂଚନାନୁଯାୟୀ, କଳାହାଣ୍ଡି ଜିଲା ପଲସ ଗ୍ରାମର ସୁଦର୍ଶନ ମେହେର(୪୨) ଓ ନାରାୟଣ ମେହେର(୩୮) ଶୁକ୍ରବାର ସକାଳ ୬ଟା୪୫ରେ (ଓଡି-୦୮ଆର୍-୧୧୬୭) ବାଇକ ଯୋଗେ ମଇଦଲପୁର ଆସୁଥିଲେ। ଘାଟିରେ ଏକ କଳାରଙ୍ଗର ଆପାଚି ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ମୁହଁରେ କଳାକନା ବାନ୍ଧି ସୁଦର୍ଶନ ଓ ନାରାୟଣଙ୍କୁ ଅଟକାଇଥିଲେ। ନାରାୟଣ ଭୟରେ ଜୀବନ ବଞ୍ଚାଇବାକୁ ଜଙ୍ଗଲ ଭିତରେ ଦୌଡିଥିଲେ। ସେମାନେ ସୁଦର୍ଶନଙ୍କୁ ଘେରି ଟଙ୍କା ଯାହା ଅଛି ଦେବାକୁ କହିଥିଲେ। କିନ୍ତୁ ଟଙ୍କା ନ ଥିବାରୁ ମୋବାଇଲ ଓ ବାଇକ ନେଇ ଦୁର୍ବୃତ୍ତମାନେ ସେଠାରୁ ଚାଲିଯାଇଥିଲେ। ଶନିବାର ଏନେଇ ସୁଦର୍ଶନ ମେହେର ମଇଦଲପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଦୁର୍ବୃତ୍ତଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## କୋରାପୁଟ ଏମ୍‌ପି ସପ୍ତଗିରିଙ୍କ ଶହୀଦ ମିନାର ପରିଦର୍ଶନ

ପାପଡ଼ାହାଣ୍ଡି,୩।୬(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିସ୍ଥିତ ଶହୀଦ ମିନାରକୁ ଶନିବାର କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ପରିଦର୍ଶନ କରିଛନ୍ତି। ଶହୀଦ ମିନାର ସହ ଏହାର ପରିସର ମଧ୍ୟରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବ୍ଲକ କଂଗ୍ରେସ ପକ୍ଷରୁ ଉଲ୍ଲାକାଙ୍କୁ ସ୍ୱାଗତ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ବିକାଶ ରାଓ, ଜିଲା ପରିଷଦ ସଭ୍ୟା ଲିପିକା ମାଝି, ରାଜକିଶୋର ରାଓ, ଶେଖ ଆକବର ହୁସେନ, ଶେଖ ଅଜୀର ହୁସେନଙ୍କ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲାକା କର୍ମୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



ଶହୀଦ ମିନାରରେ ଏମ୍‌ପି ସପ୍ତଗିରିଙ୍କ ସହ ବ୍ଲକ କଂଗ୍ରେସ ସଦସ୍ୟ ଓ ଅନ୍ୟମାନେ।

## ବିଶ୍ୱ ବାଇସାଇକେଲ ଦିବସ ଅବସରରେ ଶୋଭାଯାତ୍ରା

ଜୟପୁର,୩।୬(ନି.ପ୍ର.)
ଜୟପୁରରେ ବିଶ୍ୱ ବାଇସାଇକେଲ ଦିବସ ଶନିବାର ପାଳିତ ହୋଇଯାଇଛି । ଜଗଧାତ୍ରୀପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଜୟପୁର ଏଲ୍‌ଆର୍ ପକ୍ଷରୁ ଏହି ଦିବସ ପାଳିତ ହୋଇଛି। ଏହି ଅବସରରେ ରଜାନହରଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ମୁଖ୍ୟ ଟ୍ରାଫିକ ଦେଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଆଶାକର୍ମୀ, ସେବା ଗ୍ରୁପ୍ ସହ ଆରୋଗ୍ୟ ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ସାମିଲହୋଇ ସୁସ୍ଥ ରୁହ ସାଇକେଲ ଚଲାଅ ସ୍ଲୋଗାନ ଦେଇଥିଲେ। ଡାକ୍ତର ସୁନୀଲ ପାଢ଼ୀ, ଡାକ୍ତର ସୁରେଶ ପାଣିଗ୍ରାହୀ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଲିଙ୍ଗରାଜ ପାଢ଼ୀ ଓ ପି.ସତ୍ୟ ନାରାୟଣ ଏହାକୁ ପରିଚାଳନା କରଥିଲେ।

## ଜୁଏଲେରି ଦୋକାନରୁ ସୁନା ଗହଣା ଲୁଟ୍

ରାଇଘର,୩।୬ (ଡି.ଏନ୍.ଏ):
ନବରଙ୍ଗପୁର ଜିଲା ରାଇଘର ବଜାରର ମେଡିକାଲ ଛକରେ ଥିବା ମା' ସନ୍ତୋଷି ଜୁଏଲେରି ଦୋକାନରୁ ଶନିବାର ସକାଳେ ବଡ଼ ଧରଣର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସୁନା ଦୋକାନ ମାଲିକ ରାମ ଡାକୁଆ ଏ ନେଇ ରାଇଘର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଦୋକାନ ମାଲିକ ରାମ ଡାକୁଆ ପ୍ରତିଦିନ ଭଳି ଶୁକ୍ରବାର ରାତିରେ ଦୁଇଟି ବ୍ୟାଗରେ ଦୋକାନରେ ଥିବା ନୂଆ ସୁନା ଗହଣା ସହ ବଦଳ ଗହଣା ଏବଂ ଗ୍ରାହକମାନେ ଦେଇଥିବା ମରାମତି ଗହଣାକୁ ନେଇ ଘରକୁ ଯାଇଥିଲେ । ଆଜି ସକାଳୁ ଦୋକାନର ଗୋଟିଏ ସଟର ଖୋଲି ଦୋକାନ ଭିତରେ ଦୁଇଟି ସୁନା ଗହଣା ଭର୍ତ୍ତି ଥିବା ବ୍ୟାଗ୍ ରଖି ଅନ୍ୟ ଏକ ସଟର ଖୋଲିବା ସମୟରେ ଜଣେ ଦୁର୍ବୃତ୍ତ ଦୋକାନ ମଧ୍ୟରେ ପଶି ଦୁଇଟି ଗହଣା ବ୍ୟାଗ ଧରି ଏକ ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। ଲୁଟ୍ ଗହଣାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଦୋକାନ ମାଲିକ କହିଛନ୍ତି। ତେବେ ନିକଟରେ ଥିବା ଏକ ମେଡିକାଲ ଷ୍ଟୋରରେ ଲାଗିଥିବା ସିସିଟିଭି ଫୁଟେଜ ଦେଖିବା ପରେ ଜଣାପଡିଛି ଯେ, ୪ ଜଣ ଯୁବକ ଦୁଇଟି ବାଇକରେ ଆସିଥିବା ବେଳେ ୩ଜଣ ଦୋକାନ ବାହାରେ ଜଗି ରହିଥିଲେ। ଜଣେ ଯୁବକ ଦୋକାନ ଭିତରେ ପଶି ବ୍ୟାଗ ଦୁଇଟି ନେଇ ବାଇକରେ ବସି ଫେରାର ହେଉଥିବା ଦେଖିବାକୁ ମିଳିଛି। ତେବେ ସେମାନେ ମୁହଁରେ ମୁଖା ପିନ୍ଧି ଥିବାରୁ କିଏ ସେହି ଲୋକ ଠିକରେ ଜାଣି ହେଉ ନ ଥିବା ଦୋକାନ ମାଲିକ ରାମ କହିଛନ୍ତି। ଲୁଟେରାଙ୍କୁ ଧରିବା ପାଇଁ ବଜାରରେ ଥିବା ସମସ୍ତ ସିସିଟିଭି ଫୁଟେଜ ଚେକ କରାଯିବା ସହ ଛତିଶଗଡ଼ ସୀମାରେ ଥିବା ଥାନା ବୋରେଇ ପର୍ଯ୍ୟନ୍ତ ଯାଞ୍ଚ ଚାଲିଥିବା ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି ।

## ଡ୍ୟାମ୍ ଅଞ୍ଚଳରେ ଚାଲିଛି ବେଧଡ଼କ କାଠ, ପଥର ଚାଲାଣ

ପ୍ରକଳ୍ପ ପ୍ରଶାସନ, ବନ ବିଭାଗ ନୀରବଦ୍ରଷ୍ଟା

ତେନ୍ତୁଳିଖୁଣ୍ଟି, ୩।୬(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ପ୍ରକଳ୍ପର ପୋଡ଼ାଗଡ଼ ଡ୍ୟାମ୍ ଅଞ୍ଚଳରେ ବେଧଡ଼କ କାଠ, ପଥର ଚାଲଣ ହେବା ସହ ପାହାଡ଼ କାଟି ସମତଳକରି ମୃତ୍ତିକା କ୍ଷୟ ପାଇଁ ସୁଯୋଗ ସୃଷ୍ଟି କରୁଛନ୍ତି ମାଫିଆ। କିନ୍ତୁ ଉଭୟ ପ୍ରକଳ୍ପ ପ୍ରଶାସନ ଓ ବନ ବିଭାଗ ଚୁପ୍ ରହୁଛନ୍ତି। ଫଳରେ ବେଧଡ଼କ ଚାଲିଛି କାଠ ଚୋରା ଚାଲାଣ। ଏ ନେଇ ଖବର ପ୍ରସାରଣ ପରେ କିଛିଦିନ ବନ୍ଦ ରହୁଛି ପରେ ପୁଣି ଆରମ୍ଭ ହୋଇଯାଉଛି। ତେନ୍ତୁଳିଖୁଣ୍ଟି ବନ ବିଭାଗ ସେଦିଗରେ ନୀରବତା ନେଇ ପ୍ରଶ୍ନ ସୃଷ୍ଟି ହେଉଛି। ସମାନ ଢଙ୍ଗରେ ସମାନ ସ୍ଥାନରୁ କାଠ ଚୋରା ଚାଲାଣ ହେଉଥିବା ବେଳେ ବିଭାଗ ସବୁ ଜାଣି ମଧ ଚୁପ୍ ରହୁଥିବାରୁ ତେନ୍ତୁଳିଖୁଣ୍ଟି ବନ ବିଭାଗ ଅଧିକାରୀ ଏବଂ କାଠମାଫିଆଙ୍କ ସଲାସୁତରାରେ ଏହି ବ୍ୟବସାୟ ହେଉଥିବା ଅଭିଯୋଗ ହେଉଛି।

ସରକାର ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଜଙ୍ଗଲ ହିଁ ଜୀବନ ନାରା ଦିଆଯାଉଛି। କିନ୍ତୁ ଜଙ୍ଗଲ ନଷ୍ଟ, ମୃତ୍ତିକା କ୍ଷୟ , ପଥର ଚାଲାଣ ହେଉଥିଲେ ହେଁ ସେ ଦିଗରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ବିଭାଗୀୟ ଅଧିକାରୀ ଏବଂ କାଠମାଫିଆଙ୍କ ମଧୁଚନ୍ଦ୍ରିକା ହେତୁ ସରକାରଙ୍କ ଜଙ୍ଗଲ ହିଁ ଜୀବନ ନାରା ପ୍ରହସନ ପାଲଟିବାକୁ ବସିଲାଣି। କାଠ ଚୋରା ଚାଲାଣର ପ୍ରମୁଖ ସ୍ଥଳୀ ପାଲଟିଛି ତେନ୍ତୁଳିଖୁଣ୍ଟି ବ୍ଲକର ପୋଡ଼ାଗଡ଼ ଡ୍ୟାମ୍ ଅଞ୍ଚଳ। ପ୍ରତିଦିନ ଅନେକ ସଂଖ୍ୟକ ମୂଲ୍ୟବାନ୍ ବୃକ୍ଷକୁ କାଟି ମାଫିଆମାନେ ବ୍ୟବସାୟ ଚଳାଇଛନ୍ତି। ଏନେଇ ବହୁବାର ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ ମଧ କରାଯାଇଛି । ଇନ୍ଦ୍ରାବତୀ ପ୍ରକଳ୍ପ ପୋଡ଼ାଗଡ଼ ଡ୍ୟାମ୍‌ଠାରେ ବହୁ ପରିମାଣର କାଠ ଜମା ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରତିଦିନ ସକାଳ ସମୟରେ ମାଫିଆମାନେ ଏହି ବନ୍ଧ ନିକଟରେ କାଠ ଗଦା କରୁଥିବାବେଳେ ଆରଦିନ ରାତି କିମ୍ବା ବଡ଼ି ଭୋରରୁ କାଠ ଟ୍ରାକ୍ଟର, ଅଟୋ ମାଧମରେ ନିଆଯାଉଛି। ଦିନତମାମ ଡ୍ୟାମ୍ ନିକଟରେ ଏତେ ସଂଖ୍ୟକ କାଠ ଜମାହୋଇ ରହୁଥିବା ବେଳେ ବନ ବିଭାଗ ନିକଟରେ କିଭଳି ଖବର ପହଞ୍ଚି ପାରୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କାଠ ହୁଏତ ଡ୍ୟାମ୍ ଆରପାରିରୁ ଡଙ୍ଗା ମାଧମରେ ଆସୁଥାଇପାରେ। ସେ ଯାହାବି ହେଉ ବନ ବିଭାଗ ଏ ନେଇ ଅବଗତ ଥାଇ ମଧ ଚୁପ୍ ବସୁଥିବାରୁ ବନ ବିଭାଗ ନାକତଳେ ଏହି ବ୍ୟବସାୟ ଚାଲିଥିବା ଆଲୋଚନା ହେଉଛି। ପ୍ରତିଦିନ ବାର୍‌ହା ଶିକାର ପାଇଁ ଶିକାରୀମାନେ ଅଭିନବ ଉପାୟରେ ବିଦ୍ୟୁତ୍ ସଂଯୋଗକରି ବେଧଡ଼କ ଭାବରେ ଶିକାର କରୁଛନ୍ତି। ତୁରନ୍ତ ବନ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀ ଏ ଦିଗରେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବନ୍ୟଜନ୍ତୁଙ୍କ ସମେତ ଜଙ୍ଗଲ କ୍ଷୟ ହେବା ଏକ ପ୍ରକାର ସୁନିଶ୍ଚିତ। ଏନେଇ ପ୍ରକଳ୍ପ ଅଧିକାରୀ ସଞ୍ଜୀବ କୁମାର ଭଦ୍ରାଙ୍କୁ ପଚାରିବାରୁ କୌଣସି ଅଭିଯୋଗ ଆମେ ପାଇନାହୁଁ। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ତେନ୍ତୁଳିଖୁଣ୍ଟି ଫରେଷ୍ଟର ଅମିତ କୁମାରଙ୍କୁ କାଠ ଅବାଧ ଚାଲାଣ ସମ୍ପର୍କରେ ପଚାରିବାରୁ କେଉଁ ସମୟରେ ଚାଲାଣ ହେଉଛି ଜଣାପଡୁନାହିଁ। ଚାଲାଣ ବେଳେ ଖବର ଦେଲେ ଚଢ଼ାଉ କରିବେ ବୋଲି ସେ କହିଛନ୍ତି।



